# NATIONAL NEWS BULLETIN (ODIA)
## 11 May - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶର ଚତୁର୍ଥ ପର୍ଯ୍ୟାୟ ତଥା ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହୋଇଛି ପ୍ରଚାର କାର୍ଯ୍ୟ ।
- ଭାରତର ସମ୍ବିଧାନକୁ ପରିବର୍ତ୍ତନ କରିବା ଲାଗି କୌଣସି ପ୍ରକାର ଅପଚେଷ୍ଟାକୁ ବିଜେପି ଅନୁମତି ଦେବ ନାହିଁ ବୋଲି ଦଳର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।
- ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମୋଟ୍ ୬୫ ଦଶମିକ ୬/୮ ପ୍ରତିଶତ ମତଦାନ ହୋଇଛି ବୋଲି ନିର୍ବାଚନ ଆୟୋଗଙ୍କ ସୂଚନା ।
- ଭାରତ ଓ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସଫଳ କାର୍ଯ୍ୟକାରିତା ଦ୍ୱାରା ଦ୍ୱିପକ୍ଷୀୟ ଭାଗିଦାରୀ ଅଧିକ ସଶକ୍ତ ହୋଇପାରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର କହିଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟରେ କୋଲକାତାରେଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ହେବ ମୁକାବିଲା ।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶର ଚତୁର୍ଥ ପର୍ଯ୍ୟାୟ ତଥା ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ମୋଟ୍ ୧୦ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନ ଲାଗି ମତଦାନ ହେବ। ଆନ୍ଧ୍ରପ୍ରଦେଶର ୨୫ଟି ତେଲଙ୍ଗାନାର ୧୭ଟି, ଉତ୍ତରପ୍ରଦେଶର ୧୩ଟି ଓ ମହାରାଷ୍ଟ୍ରର ୧୧ଟି ଲୋକସଭା ଆସନ ଲାଗି ଭୋଟ୍‌ଗ୍ରହଣ କରାଯିବ। ସେହିଭଳି ମଧ୍ୟପ୍ରଦେଶର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ବିହାରର ୫ଟି, ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଲେଖାଏଁ ଏବଂ ଜାମ୍ମୁ-କାଶ୍ମୀର ଗୋଟିଏ ଲୋକସଭା ଆସନ ଲାଗି ମତଦାନ ହେବ। ମୋଟ୍ ୧ ହଜାର ୭୧୭ ଜଣ ପ୍ରାର୍ଥୀ ଏହି ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି।

ଏହି ପର୍ଯ୍ୟାୟରେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ସମେତ ଏହାର ଅଧୀନରେ ଆସୁଥିବା ୨୮ଟି ବିଧାନସଭା ଆସନ ନିମନ୍ତେ ମଧ୍ୟ ଆସନ୍ତା ସୋମବାର ଦିନ ଏକ

ସଙ୍ଗେ ଭୋଟଗ୍ରହଣ କରାଯିବ । ରାଜ୍ୟର ୭ ହଜାର ୨ ଶହ ଅଣାନବେଟି ବୁଥ୍‌ରେ ମୋଟ୍ ୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ।

ଅନ୍ୟପକ୍ଷରେ ଦେଶର ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଇତିମଧ୍ୟରେ ପ୍ରକାଶ ପାଇଛି । ଏଥିରେ ଓଡ଼ିଶାର ୫ଟି ଲୋକସଭା ଆସନ ପାଇଁ ୪୦ ଜଣ ପ୍ରାର୍ଥୀ ରହିଥିବାବେଳେ ୩୫ଟି ବିଧାନସଭା ଆସନ ପାଇଁ ୨୬୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ପିଏମ୍– ବରଗଡ଼

ଭାରତର ସମ୍ବିଧାନକୁ ପରିବର୍ତ୍ତନ କରିବା ଲାଗି କଂଗ୍ରେସ ଚାହୁଁଛି ବୋଲି ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଯୋଗ କରିଛନ୍ତି । ଆଜି ଓଡ଼ିଶାର ବରଗଡ଼ଠାରେ ଆୟୋଜିତ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଦିଆଯାଇଥିବା ସଂରକ୍ଷଣକୁ କଂଗ୍ରେସ ପ୍ରତ୍ୟାହାର କରି ନେବାକୁ ଚାହୁଁଛି । ଯଦି ସମ୍ପୃକ୍ତ ଦଳ କ୍ଷମତାକୁ ଆସେ ତେବେ ଏହି ସଂରକ୍ଷଣକୁ ନିଜର ଭୋଟ୍ ବ୍ୟାଙ୍କକୁ ଦେବା ଲାଗି ଇଚ୍ଛୁକ ବୋଲି ସେ କହିଛନ୍ତି । ତେବେ ସମ୍ବିଧାନକୁ ପରିବର୍ତ୍ତନ କରିବା କିମ୍ବା ଅନୁସୂଚିତ ଜାତି,

ଜନଜାତି ଓ ପଛୁଆବର୍ଗଙ୍କ ଲାଗି ଉଦ୍ଦିଷ୍ଟ ସଂରକ୍ଷଣ ହାରକୁ ହ୍ରାସ କରିବା ଦିଗରେ କଂଗ୍ରେସର କୌଣସି ପ୍ରକାର ଅପଚେଷ୍ଟାକୁ ବିଜେପି ଅନୁମତି ଦେବ ନାହିଁ। ଏହା ମୋଦୀଙ୍କ ଗ୍ୟାରେଣ୍ଟି ବୋଲି ସେ କହିଛନ୍ତି। କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ନାମ ନ ନେଇ ଶ୍ରୀ ମୋଦୀ କହିଛନ୍ତି, ମନମୋହନ ସିଂଙ୍କର ସରକାର ଅମଳରେ କ୍ୟାବିନେଟ୍ ଦ୍ୱାରା ନିଆଯାଇଥିବା ଏକ ନିଷ୍ପତ୍ତିକୁ ଦଳର ଏହି ବରିଷ୍ଠ ନେତା ସର୍ବସାଧାରଣରେ ଚିରି ଦେଇଥିଲେ। ତେଣୁ କଂଗ୍ରେସର ଏହି ପୂର୍ବତନ ସଭାପତିଙ୍କର ଭାରତୀୟ ସମ୍ବିଧାନ ପ୍ରତି କୌଣସି ବିଶ୍ୱାସ ନ ଥିବା ଏହା ଦ୍ୱାରା ପ୍ରତିଫଳିତ ହେଉଛି।

ଅନ୍ୟପକ୍ଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଆକ୍ଷେପ କରି ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶା ସରକାର ବାହାର ରାଜ୍ୟ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛି। ସରକାରୀ କାର୍ଯ୍ୟକୁ ଶ୍ରୀ ପଟ୍ଟନାୟକ ଆଉଟ୍ ସୋର୍ସିଂ କରିଥିବା ଦୃଷ୍ଟିରୁ ବିଜେପିକୁ ଉଭୟ ଲୋକସଭା ଓ ବିଧାନସଭା ଆସନରେ ବିଜୟୀ କରାଇ ବର୍ତ୍ତମାନର ସରକାରଙ୍କୁ ବିଦା କରିବା ଲାଗି ଶ୍ରୀ ମୋଦୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ଏଠାରେ ସୂଚନା ଦିଆଯାଇପାରେ ଆଗାମୀ ସୋମବାର ଦିନ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ତଥା ଦେଶରେ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ।

## ରାଞ୍ଚି-ପିଏମ୍ ର୍‍ୟାଲି

ଶ୍ରୀ ମୋଦୀ ଝାଡ଼ଖଣ୍ଡର  ଚାତ୍ରା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୀମାରିଆ ଠାରେ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି। ସେ କହିଛନ୍ତି, ଦେଶର ସାମଗ୍ରୀକ ବିକାଶ ତଥା ଏହାକୁ ଗଢ଼ି ତୋଳିବା ଲାଗି ନିର୍ବାଚନ ହେଉଛି ଏକ ପ୍ରକୃଷ୍ଟ ମାଧ୍ୟମ। ନିର୍ବାଚନ ଦ୍ୱାରା  ଯୋଗ୍ୟ ପ୍ରାର୍ଥୀକୁ ଭୋଟ୍ ଦେଇ ଏକ ସ୍ଥିର ସରକାର ଗଢ଼ିପାରିଲେ ଆଗାମୀ ପିଢ଼ିଙ୍କର ଭବିଷ୍ୟତ ସୁରକ୍ଷିତ ରହିପାରିବ। ଏହି ଅବସରରେ ଶ୍ରୀ ମୋଦୀ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରି କହିଛନ୍ତି, ଦେଶର ଗରିବ ଲୋକ ଯେଭଳି ଉପକୃତ ହୋଇପାରିବେ ତାକୁ ଦୃଷ୍ଟିରେ ରଖି ତାଙ୍କ ସରକାର ଏଭଳି ଯୋଜନା ପ୍ରସ୍ତୁତ କରିଥାଆନ୍ତି।

## ଇସି ଫେଜ୍ ଭୋଟର୍-ଟୁରିଷ୍ଟ

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମୋଟ୍ ୬୫ ଦଶମିକ ୬/୮ ପ୍ରତିଶତ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ବୋଲି

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ମତଦାତାଙ୍କ ମଧ୍ୟରେ ୬୬ ଦଶମିକ ୮/୯ ପ୍ରତିଶତ ପୁରୁଷ, ୬୪ ଦଶମିକ ୪/୧ ପ୍ରତିଶତ ମହିଳା ଏବଂ ୨୫ ଦଶମିକ ୨ ପ୍ରତିଶତ ତୃତୀୟ ଲିଙ୍ଗୀ ଅନ୍ତର୍ଭୁକ୍ତ। ସେହିଭଳି ଏହି ପର୍ଯ୍ୟାୟରେ  ମହିଳା ମତଦାତାଙ୍କ ମଧ୍ୟରେ ଆସାମରେ ସର୍ବାଧିକ ୮୫ ଦଶମିକ ୩/୪ ପ୍ରତିଶତ ଓ ପଶ୍ଚିମବଙ୍ଗରେ ୮୩ ଦଶମିକ ୦/୧ ପ୍ରତିଶତ ମହିଳା ଭୋଟ୍ ଦେଇଛନ୍ତି। ସେହିଭଳି ଉତ୍ତରପ୍ରଦେଶରେ ଏହି ହାର ସର୍ବନିମ୍ନ ୫୬ ଦଶମିକ ୦/୧ ପ୍ରତିଶତ ହୋଇଥିବା ଆୟୋଗ କହିଛନ୍ତି। ସେହିଭଳି ତୃତୀୟ ଲିଙ୍ଗୀ ଭୋଟରଙ୍କ ମଧ୍ୟରେ ସର୍ବାଧିକ ୭୫ ପ୍ରତିଶତ ମତଦାତା ଗୋଆରେ ମତଦାନ କରିଥିବା ଜଣାଯାଇଛି।

ଏହି ପର୍ଯ୍ୟାୟରେ ୧୦ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୩ଟି ଆସନ ଲାଗି ଭୋଟ୍‌ଗ୍ରହଣ କରାଯାଇଥିଲା।  ସେଥିମଧ୍ୟରେ ଗୁଜୁରାଟର ୨୫ଟି ଆସନ, କର୍ଣ୍ଣାଟକର ୧୪ଟି, ମହାରାଷ୍ଟ୍ରର ୧୧ଟି, ଉତ୍ତରପ୍ରଦେଶର ୧୦ଟି ଆସନ ଲାଗି ମତଦାନ ହୋଇଛି। ଏହାଛଡ଼ା ମଧ୍ୟପ୍ରଦେଶର ୯ଟି ଆସନ, ଛତିଶଗଡ଼ର ୭ଟି, ବିହାରର ୫ଟି, ଆସାମ ଓ ପଶ୍ଚିମବଙ୍ଗର ୪ଟି ଲେଖାଏଁ, ଗୋଆ ଏବଂ ଦାଦ୍ରାନଗର ହାବେଳୀ ଓ ଡାମନ ଡିଉର ଦୁଇଟି ଲେଖାଏଁ ଲୋକସଭା ଆସନ ଲାଗି ଭୋଟଗ୍ରହଣ କରାଯାଇଛି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ସହିତ ୨୦୨୪ ସାଧାରଣ ନିର୍ବାଚନରେ ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୮୩ଟି

ଲୋକସଭା ଆସନ ଲାଗି ମତଦାନ ସମ୍ପନ୍ନ ହୋଇଛି । ଏହି ପର୍ଯ୍ୟାୟରେ ମୋଟ୍ ୧ ହଜାର ୩୩୧ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିଲେ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ମହା- ଫୋରଥ୍ ଫେଜ୍

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଅବସରରେ ମହାରାଷ୍ଟ୍ରରେ ଆସନ୍ତା ୧୩ ତାରିଖ ସୋମବାର ଦିନ ଭୋଟ୍‌ଗ୍ରହଣ କରାଯିବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି । ପ୍ରତ୍ୟେକ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବା ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍.ଚୋକାଲିଙ୍ଗମ୍ ଆହ୍ୱାନ ଦେଇଛନ୍ତି । ସୋମବାର ଦିନ ରାଜ୍ୟର ୧୩ଟି ଲୋକସଭା ଆସନ ଲାଗି ମତଦାନ କରାଯିବ । ସେଗୁଡ଼ିକ ହେଲା- ନାନ୍ଦୁରବାର୍, ଜାଲଗାଓଁ, ରାଭେର୍, ଜାଲ୍‌ନା, ଔରଙ୍ଗାବାଦ, ମାଭେଲ୍, ପୁନେ, ସିରୁର୍, ଅହମ୍ମଦନଗର, ସିରିଡ଼ି ଓ ବିଡ୍ । ଏହି ପର୍ଯ୍ୟାୟରେ ରାଜ୍ୟର ୨ କୋଟି ୨୮ ଲକ୍ଷ ୧ ହଜାର ୧୫୧ ଜଣ ମତଦାତା ମୋଟ୍ ୨୩ ହଜାର ୨୮୪ଟି ବୁଥ୍‌ରେ ମତଦାନ କରିବେ । ଏହି ୧୧ଟି ଲୋକସଭା ଆସନ ଲାଗି ୨୯୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ନିଜ ଘରୁ ମତଦାନ କରିବାକୁ ଇଚ୍ଛୁକ ଥିବା ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଗତ ମାର୍ଚ୍ଚ ମାସ ୧ ତାରିଖରୁ ମେ' ୯ ତାରିଖ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତନ ସଂସ୍ଥା ଗୁଡ଼ିକ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରୁ ୫୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ମଦ ଜବତ ହୋଇଛି ।

## ଜୟଶଙ୍କର ଇଣ୍ଡିଆ-ଇୟୁ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ଭାରତ ଓ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସାମର୍ଥ୍ୟକୁ ନେଇ ସକାରାତ୍ମକ ମନୋଭାବ ପୋଷଣ କରିଛନ୍ତି । ଏଥିସହିତ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଓ ବୈଷୟିକ ଜ୍ଞାନକୌଶଳ ପରିଷଦ ମାଧ୍ୟମରେ ଅର୍ଥନୈତିକ ସମ୍ପର୍କ ଅଧିକ ସୁଦୃଢ଼ ହୋଇପାରିବ ବୋଲି ସେ କହିଛନ୍ତି । ଆଜି ୟୁରୋପୀୟ ସଂଘର ଜାତୀୟ ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଓ ପଶ୍ଚିମ ପ୍ରାଚ୍ୟ ୟୁରୋପ ଅର୍ଥନୈତିକ କରିଡ଼ର ମାଧ୍ୟମରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିବ ବୋଲି ଭାରତ ଆଶା ରଖିଛି । ଭାରତରେ ଅବସ୍ଥାପିତ ୟୁରୋପୀୟ ସଂଘର ରାଷ୍ଟ୍ରଦୂତ ହେର୍‌ଭେ ଡେଲଫିନ୍‌ଙ୍କ ଦ୍ୱାରା ଆୟୋଜିତ ଏହି ସମାରୋହରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି,

ୟୁରୋପୀୟ ସଂଘ ହେଉଛି ଆମ ଦେଶର ସର୍ବବୃହତ ଅର୍ଥନୈତିକ ଭାଗିଦାରୀ। ବିଭିନ୍ନ କ୍ଷେତ୍ରର ବିକାଶ ଲାଗି ଦ୍ୱିପକ୍ଷୀୟ ସମ୍ପର୍କର ସଶକ୍ତିକରଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ୟୁରୋପୀୟ ସଂଘ ଲାଗି ଭାରତର ଭାଗିଦାରୀ ଅନେକ ଗୁରୁତ୍ୱ ବହନ କରେ ବୋଲି ଶ୍ରୀ ଡେଲଫିନ୍ କହିଛନ୍ତି।

# ବ୍ରାଜିଲ ଫ୍ଲାସ୍ ଫ୍ଲଡ୍ସ

ବ୍ରାଜିଲରେ ପ୍ରବଳ ବନ୍ୟା ଯୋଗୁଁ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୭୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପ୍ରାୟ ୧୪୦ ଜଣ ନିଖୋଜ ରହିଛନ୍ତି। ୨୦ ହଜାରରୁ ଊର୍ଦ୍ଧ୍ୱ ସାମରିକ କର୍ମଚାରୀ ରିଓ ଗ୍ରାଣ୍ଡେ ଡୋ ସୁଲ୍ ରାଜ୍ୟରେ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ବନ୍ୟା ଦ୍ୱାରା ସ୍ଥାନୀୟ ଶକ୍ତି ଓ ଜଳକେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବାରୁ ଅଧିକାଂଶ ଲୋକଙ୍କ ଘରେ ବିଦ୍ୟୁତ ଓ ଜଳ ଉପଲବ୍ଧ ହେଉ ନାହିଁ। ଏହି ବାତ୍ୟାରେ ୮୫ ହଜାରରୁ ଊର୍ଦ୍ଧ୍ୱ ଘର ନଷ୍ଟ ହୋଇଥିବାବେଳେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀରେ ଥଇଥାନ କରାଯାଇଛି। ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ବ୍ରାଜିଲ ଜାତୀୟ ପାଣିପାଗ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଜାତିସଂଘ-ପାଲେଷ୍ଟାଇନ୍

ମିଳିତ ଜାତିସଂଘର ପୂର୍ଣ୍ଣକାଳୀନ ସଦସ୍ୟ ହେବା ପାଇଁ ପାଲେଷ୍ଟାଇନର ପ୍ରୟାସକୁ ସମର୍ଥନ କରି ଭାରତ ଜାତିସଂଘ ସାଧାରଣ ପରିଷଦର ଏକ ଚିଠା ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଛି । ୧୯୩ ସଦସ୍ୟ ବିଶିଷ୍ଟ ସାଧାରଣ ସଭାରେ ଗତକାଲି ଏକ ଜରୁରୀକାଳୀନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସଂକଳ୍ପ ସପକ୍ଷରେ ୧୪୩ଟି ଭୋଟ୍ ମିଳିଥିଲା। ବର୍ତ୍ତମାନ ପାଲେଷ୍ଟାଇନ ଜାତିସଂଘରେ ଏକ ଅଣ-ସଦସ୍ୟ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବେ ରହିଛି । ୨୦୧୨ ରେ ସାଧାରଣ ସଭା ଦ୍ୱାରା ପାଲେଷ୍ଟାଇନକୁ ଏହି ମାନ୍ୟତା ପ୍ରଦାନ କରାଯାଇଥିଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ କୋଲକାତାର ଇଡେନ୍ ଗାର୍ଡେନ୍ସ ଠାରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମୁକାବିଲା ହେବ। ମିଳିଥିବା ସୂଚନା ଅନୁଯାୟୀ, ବର୍ଷା ଲାଗି ମ୍ୟାଚ୍ ଆରମ୍ଭ ହେବାରେ ବିଳମ୍ବ ହେଉଥିବା ଜଣାଯାଇଛି । ବର୍ତ୍ତମାନ ସୁଦ୍ଧା କୋଲକାତା ନାଇଟ୍ ରାଇଡର୍ସ ୧୧ଟି ମ୍ୟାଚ୍‌ରୁ ୮ଟିରେ ବିଜୟୀ ହୋଇ ୧୬ ପଏଣ୍ଟ ସହ ପଏଣ୍ଟ ତାଲିକାର ଶୀର୍ଷରେ ରହିଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ ୧୨ଟି ମ୍ୟାଚ୍‌ରୁ ୪ଟିରେ ବିଜୟୀ ହୋଇ ୮ ପଏଣ୍ଟ ସହିତ ନବମ ସ୍ଥାନରେ ରହିଛି ।